# ଆଦିବାସୀ ମେଳା-୨୦୧୭

## ଆଜି ସରିବ ଆଦିବାସୀ ମେଳା

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଜାନୁୟାରୀ ୨୬ ଜନରାଜ୍ୟ ଦିବସ ଠାରୁ ୟୁନିଟ୍-୧ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଆଦିବାସୀ ମେଳା-୨୦୧୭ ଓ ସାଂସ୍କୃତିକ ଉତ୍ସବ ଆରମ୍ଭ ହୋଇଛି । ପ୍ରତ୍ୟହ ଦିନ ୨ଟାରୁ ରାତ୍ରି ୯ଟା ପର୍ଯ୍ୟନ୍ତ ଚାଲୁଥିବା ଏହି ମେଳା ଫେବୃୟାରୀ ୯ ତାରିଖ ଦିନ ଉଦ୍‌ଯାପିତ ହେବ ।

ଆଦିବାସୀ ମେଳାର ଚତୁର୍ଦ୍ଦଶ ଦିବସରେ ଇଉ.ଏନ.ଏଫ୍.ପି.ଏ ର ଭାରତ ପ୍ରତିନିଧି ଡ଼ିଏଗୋ. ପାଲାସିଓସ୍ ଓ ହଲିଉଡ୍ ଅଭିନେତ୍ରୀ ତଥା ଇଉ.ଏନ.ଏଫ୍.ପି.ଏ ର ଗ୍ଲୋବାଲ ଗୁଡ୍‌ଉଇଲ ଆମ୍ବାସଡ଼ର ଆସ୍‌ଲେ ଜୁଡ୍ ଆଦିବାସୀ ମେଳା ପରିସର ପରିଦର୍ଶନ କରିବା ସହିତ ମେଳାରେ ଅଂଶଗ୍ରହଣକାରୀ ଜନଜାତିମାନଙ୍କ ସହିତ ଭାବବିନିମୟ କରିଥିଲେ । ଆଦିବାସୀ ସଂସ୍କୃତି ଓ ନୃତ୍ୟଶୈଳୀ ସମ୍ପର୍କରେ ଆସ୍‌ଲେ ଜୁଡ୍ ଅବଗତ ହେବା ସହିତ ମଂଚରେ ଆଦିବାସୀ କଳାକାରମାନଙ୍କର ନୃତ୍ୟ ନୈପୁଣ୍ୟ ଦେଖି ଆତ୍ମବିସ୍ମୃତ ହୋଇ ପଡ଼ିଥିଲେ । ଏହି ନୃତ୍ୟକଳା ସନ୍ଦର୍ଶନ କରି ସେ ଗର୍ବିତ ଓ ଆନନ୍ଦିତ ବୋଲି ତାଙ୍କ ଅନୁଭବ ସଂପର୍କରେ କହିଥିଲେ । ଏହି ଅବସରରେ ମଞ୍ଚ ଉପରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ହଲିଉଡ୍ ଅଭିନେତ୍ରୀ ତଥା ୟୁ.ଏନ୍.ଏଫ୍.ପି.ଏ.ର ଗୁଡ୍‌ଉଇଲ୍ ଆମ୍ବାସଡ଼ର ଆସ୍‌ଲେ ଜୁଡ୍‌ଙ୍କୁ ବିଭାଗୀୟ ନିର୍ଦ୍ଦେଶକ (ଅନୁସୂଚିତ ଜନଜାତି) ଆର୍. ରଘୁପ୍ରସାଦ ଡ଼ଙ୍ଗରିଆ କନ୍ଧ ସାଲ, ସ୍ମାରକ ଓ ପୁଷ୍ପଗୁଚ୍ଛ ନେଇ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ଏସ୍.ସି ଏସ୍.ଟି ଆର.ଟି.ଆଇ. ର କମିଶନର ତଥା ନିର୍ଦ୍ଦେଶକ ପ୍ରଫେସର ଡ଼କ୍ଟର ଅଖିଳ ବିହାରୀ ଓତା, ଇଉ.ଏନ.ଏଫ୍.ପି.ଏର ଭାରତ ପ୍ରତିନିଧି ଡ଼ିଆଗୋ ପାଲାସିଓସ୍‌ଙ୍କୁ ଡ଼ଙ୍ଗରିଆ କନ୍ଧ ସାଲ, ପୁଷ୍ପଗୁଚ୍ଛ ଓ ସ୍ମାରକ ନେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ହଲିଉଡ୍ ଅଭିନେତ୍ରୀ ଆସ୍‌ଲେ ଜୁଡ୍ ଦର୍ଶକମାନଙ୍କୁ ତାଙ୍କର ଭାରତୀୟ ସଂସ୍କୃତି ବିଶେଷ କରି ଓଡ଼ିଶାର ପରମ୍ପରା ଓ ସଂସ୍କୃତିପ୍ରତି ତାଙ୍କ ଆନ୍ତରିକତା ପ୍ରଦର୍ଶନ ସ୍ୱରୂପ ପାଦରେ ଅଳତା ଲାଇଥିବାର ସୂଚନା ଦେଇଥିଲେ । ଅତ୍ୟନ୍ତ ଆବେଗରେ ତାଙ୍କ ମନର ଭାବ ପ୍ରକାଶ କରିଥିଲେ । ତାଙ୍କ ସହିତ ଏସ୍.ସି ଏସ୍.ଟି ଆର.ଟି.ଆଇ. ର କମିଶନର ତଥା ନିର୍ଦ୍ଦେଶକ ପ୍ରଫେସର ଡ଼କ୍ଟର ଅଖିଳ ବିହାରୀ ଓତା, ବିଭାଗୀୟ ନିର୍ଦ୍ଦେଶକ (ଅନୁସୂଚିତ ଜନଜାତି) ଆର. ରଘୁପ୍ରସାଦ ଓ ଇଉ.ଏନ.ଏଫ୍.ପି.ଏ ର ଡ଼କ୍ଟର ଦୀପା ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ ।

ଆଜି ସନ୍ଧ୍ୟାରେ ମେଳା ପରିସରରେ ଥିବା ମୁଖ୍ୟ ମଞ୍ଚରେ ମୟୂରଭଞ୍ଜର ଛଉନୃତ୍ୟ ପରେ ପରେ ସାନ୍ତାଳ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଲୋକନୃତ୍ୟ ସହିତ ହୋ ଓ ମୁଣ୍ଡାନୃତ୍ୟ ପରିବେଷଣ କରାଯାଇଥିଲା ।